# ଜୀବନର ପୂର୍ଣ୍ଣତାପ୍ରାପ୍ତିରେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା

**ପ୍ରଶ୍ନ :** ଗୋଟିଏ ଦିଗରେ ଶାସ୍ତ୍ର ଏବଂ ଅଧ୍ୟାତ୍ମ ବିଜ୍ଞବ୍ୟକ୍ତି ଋଷି, ମୁନିମାନେ ବ୍ରହ୍ମଚର୍ଯ୍ୟ ପାଳନର ଭୂରି ଭୂରି ପ୍ରଶଂସା କରନ୍ତି । ଅନ୍ୟ ଦିଗରେ ପଶୁପକ୍ଷୀଠାରୁ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ଇନ୍ଦ୍ରିୟ ତୃପ୍ତି, ପ୍ରାଣର କାମନା ବାସନା ପୂର୍ଣ୍ଣ କରିବା ଚାହାନ୍ତି । ଇନ୍ଦ୍ରିୟ ତୃପ୍ତିକୁହିଁ ବ୍ୟକ୍ତି ସର୍ବଶ୍ରେଷ୍ଠ ସୁଖ ମନେକରେ । ପ୍ରାଣର ବାସନା ପୂର୍ଣ୍ଣ କରିବାରେ କେତେକ ବ୍ୟକ୍ତି ସମ୍ପତ୍ତି, ସ୍ୱାସ୍ଥ୍ୟ, ମାନସମ୍ମାନ, କୁଳମର୍ଯ୍ୟାଦା ନଷ୍ଟ କରନ୍ତି । ଯଦି ବ୍ରହ୍ମଚର୍ଯ୍ୟ ପାଳନରେ ଯଥାର୍ଥ ଗୁଣ ଥାଏ ତେବେ ସାଧାରଣ ମନୁଷ୍ୟଠାରୁ ବୁଦ୍ଧି ପ୍ରଧାନବ୍ୟକ୍ତି ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି କାହିଁକି ?

**ଉତ୍ତର :** ଏହାର କାରଣ ଅଜ୍ଞାନ ମୋହ ଏବଂ ଇନ୍ଦ୍ରିୟର ଦାସତ୍ୱ, ଅମୂଲ୍ୟରତ୍ନରୂପ ବ୍ରହ୍ମଚର୍ଯ୍ୟର ଦିବ୍ୟଗୁଣ, ମହତ୍ୱ ମୂଲ୍ୟ ନ ଜାଣିବା, ମହାମୂଲ୍ୟବାନ ଗଜମୁକ୍ତାକୁ ବନବାସୀ ଶବରୀ ଚାଉଳ ସେରକୁ ବିକ୍ରି କରିବା ସଦୃଶ ଅଜ୍ଞାନତା, ପତଙ୍ଗ ଅଗ୍ନିରେ ଝାସ ଦେବା ସଦୃଶ ବ୍ୟାମୋହତା ।

ମନୁଷ୍ୟ ଜୀବନ ଉନ୍ନତିର ଭିତ୍ତି ବା ଆଧାର ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ପାଳନ ଏବଂ ସଞ୍ଜମ ଦ୍ୱାରା ବ୍ୟକ୍ତି ସଂସାର କର୍ମରେ ଉନ୍ନତି କରିପାରେ, ଅଧ୍ୟାତ୍ମ ସାଧନାରେ ପରମ ସୁଖ, ପରମ ଶାନ୍ତି ସ୍ୱରୂପ ଭଗବାନଙ୍କୁ ପ୍ରାପ୍ତକରି ମରଣ ଦ୍ୱନ୍ଦରୁ ମୁକ୍ତ ହୁଏ । ସମସ୍ତ ସତ୍ତାରେ ଭଗବତ ପ୍ରାପ୍ତ କରିବାହିଁ ଜୀବନର ଲକ୍ଷ୍ୟ । ଏହାହିଁ କ୍ରମ ବିକାଶର ଉଦ୍ଦେଶ୍ୟ । ଜୀବନର ଏହି ଲକ୍ଷ୍ୟ ସିଦ୍ଧି, କ୍ରମବିକାଶର ଉଦ୍ଦେଶ୍ୟ ପୂର୍ଣ୍ଣରୂପେ ନିର୍ଭର କରେ ବ୍ରହ୍ମଚର୍ଯ୍ୟ ପାଳନରେ । ବ୍ରହ୍ମଚର୍ଯ୍ୟ ପାଳନ ଛଡ଼ା ଏହି ସିଦ୍ଧି ଏକେବାରେ ଅସମ୍ଭବ । ବ୍ରହ୍ମଚର୍ଯ୍ୟହିଁ ମନୁଷ୍ୟର ସାରାତିସାର ବସ୍ତୁ । ଏହାରି ପାଳନରେ ଶରୀର ପୁଷ୍ଟ, ବଳବାନ, ରୋଗ ମୁକ୍ତ ହୁଏ । ଶରୀରରେ ସୌନ୍ଦର୍ଯ୍ୟର ବୃଦ୍ଧି ହୁଏ । ଆଳସ୍ୟ ଦୂର ହୁଏ । କର୍ମରେ ପ୍ରବୃତ୍ତି ହୁଏ; ପ୍ରାଣ, ମନ ଶୁଦ୍ଧ ସ୍ଥିର ହୁଏ, ଆତ୍ମା ଜାଗ୍ରତ ହୁଏ ଏବଂ ମନ, ପ୍ରାଣ, ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ମନ, ପ୍ରାଣ, ଶରୀରର ବିକାଶ ସକାଶେ ବ୍ରହ୍ମଚର୍ଯ୍ୟହିଁ ଶକ୍ତି ଯୋଗାଏ । ବ୍ରହ୍ମଚର୍ଯ୍ୟ ନଷ୍ଟ ହେଲେ କୌଣସି ବ୍ୟକ୍ତି କୌଣସି ସାଂସାରିକ ଉତ୍ତମ କର୍ମ କରିବାରେ ସମର୍ଥ ହୁଏ ନାହିଁ । ମନୁଷ୍ୟର ଯେ ପର୍ଯ୍ୟନ୍ତ ସ୍ୱାର୍ଥ ଥାଏ ସେ ଯଥାର୍ଥଭାବେ ଅନ୍ୟର ଏବଂ ସଂସାରର ହିତ କରିପାରେ ନାହିଁ । ମନୁଷ୍ୟର ଆତ୍ମା ଜାଗ୍ରତ ହେଲେ ସ୍ୱାର୍ଥ ଦୂର ହୁଏ । ଏହା ସମ୍ଭବ ହୁଏ ବ୍ରହ୍ମଚର୍ଯ୍ୟ ପାଳନରେ । ସୁତରାଂ ସମସ୍ତ ସଦଗୁଣର ଆଶ୍ରୟ ବ୍ରହ୍ମଚର୍ଯ୍ୟ ।

ପଶୁ ପକ୍ଷୀ ଅଜ୍ଞାନ । ସେମାନଙ୍କର ବୁଦ୍ଧି ବିବେକ ନ ଥାଏ । ସେଇଥିପାଇଁ ସେମାନେ ଜୀବନର ଯଥାର୍ଥ ହିତ ଅହିତ ବୁଝି ପାରନ୍ତି ନାହିଁ । ସେମାନେ ପରିଚାଳିତ ହୁଅନ୍ତି ପ୍ରକୃତି ଦ୍ୱାରା । ପ୍ରକୃତି ବିରୋଧରେ କିଛି କରିବା ସେମାନଙ୍କ ପକ୍ଷେ ଅସମ୍ଭବ । ସେମାନଙ୍କ ବୁଦ୍ଧି ଓ ବିବେକ ଅଭାବରୁ ସେମାନେ ବ୍ରହ୍ମଚର୍ଯ୍ୟର ମହତ୍ୱ ବୁଝି ପାରନ୍ତି ନାହିଁ । ପ୍ରକୃତିର ବଶ୍ୟତାରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି ।

ମନୁଷ୍ୟ ଆସିଛନ୍ତି ପଶୁଠାରୁ । ସେମାନଙ୍କୁ ପ୍ରାପ୍ତ ହୋଇଛି ପଶୁ ଅପେକ୍ଷା ଅଧିକ ମନ, ବୁଦ୍ଧ କିନ୍ତୁ ଆତ୍ମା ଜାଗ୍ରତ ହୋଇ ନ ଥିବାରୁ  ସେମାନଙ୍କ ପ୍ରାଣରେ ବିଦ୍ୟମାନ ଅଛି ପଶୁତ୍ୱ । ସେହି ସକାଶେ ବ୍ୟକ୍ତି ମନୁଷ୍ୟର ଶରୀର ପାଇବା ସତ୍ୱେ ପଶୁ ସଦୃଶ୍ୟ ବ୍ରହ୍ମଚର୍ଯ୍ୟ ନଷ୍ଟ କରେ । ଯେଉଁ ବ୍ୟକ୍ତି ନୈତିକ ନିୟମ ଅନୁସାରେ ବ୍ରହ୍ମଚର୍ଯ୍ୟ ସଞ୍ଜମ କରନ୍ତି ସେମାନେ ତେତେ(କେତେ) ପରିଣାମରେ ପଶୁତ୍ୱକୁ ଅତିକ୍ରମ କରି ମନୁଷ୍ୟତ୍ୱକୁ ପ୍ରାପ୍ତ ହୁଅନ୍ତି । ଯେଉଁମାନେ ପୂର୍ଣ୍ଣ ରୂପେ ନୈତିକ ନିୟମ ଅନୁସାରେ ଏକ ପତ୍ନିବ୍ରତ ଧର୍ମ ପାଳନ କରନ୍ତି ସେମାନେ ପୂର୍ଣ୍ଣ ମନୁଷ୍ୟତ୍ୱକୁ ପ୍ରାପ୍ତ ହୁଅନ୍ତି । ଯେଉଁମାନେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି ସେମାନେ ଶ୍ରେଷ୍ଠ ମାନବ ହୁଅନ୍ତି । ଯେଉଁମାନେ ଅତିମାନସ ଶକ୍ତିଦ୍ୱାରା ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ରୂପାନ୍ତର କରନ୍ତି ଏବଂ ମନପ୍ରାଣ ଶରୀରରେ ଭଗବାନଙ୍କୁ ଉପଲବ୍ଧି କରନ୍ତି ସେହିମାନେ ହୁଅନ୍ତି ଅତିମାନବ । ଭଗବାନଙ୍କର ସୃଷ୍ଟି କରିବାର ଏହାହିଁ ଉଦ୍ଦେଶ୍ୟ ।

**ପ୍ରଶ୍ନ :** ଭଗବାନ ନିଜକୁ ପ୍ରକାଶ କରିବା ସକାଶେ ସୃଷ୍ଟି କରିଅଛନ୍ତି । ବିକାଶ ଜଡ଼ରୁ ପଶୁ ପକ୍ଷୀ ମଧ୍ୟଦେଇ

ବର୍ତ୍ତମାନ ମନୁଷ୍ୟରେ ପହୁଞ୍ଚିଅଛି । ଏହାକୁ ଅତିକ୍ରମ କରି ଅତିମାନବତ୍ୱକୁ ପ୍ରାପ୍ତ ହେବ । କିନ୍ତୁ ଏହି ବିକାଶରେ ବ୍ରହ୍ମଚର୍ଯ୍ୟ ପାଳନର ଆବଶ୍ୟକତା କ'ଣ ? ସ୍ପଷ୍ଟରୂପେ ବୁଝାଇ ଦିଅନ୍ତୁ ।

**ଉତ୍ତର :** ବ୍ରହ୍ମଚର୍ଯ୍ୟରେ ଅସାଧାରଣ ଶକ୍ତି । ସେହି ଶକ୍ତିହିଁ ମନୁଷ୍ୟର ମନ ପ୍ରାଣ ଶରୀରକୁ ଆବଶ୍ୟକ ଉପାଦାନ ଯୋଗାଇ ଅତିମାନସ ଶକ୍ତିକୁ ଧାରଣ କରିବା ତଥା ରୂପାନ୍ତର ହେବାକୁ ଯୋଗ୍ୟ କରେ । ତେବେ ବ୍ୟକ୍ତିର ମନ, ପ୍ରାଣ, ଶରୀରରେ ଅତିମାନସ ଶକ୍ତି ଅବତରଣ କରି ସେସବୁକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିପାରେ । ବ୍ରହ୍ମଚର୍ଯ୍ୟ ସାହାଯ୍ୟରେ ବ୍ୟକ୍ତିର ସତ୍ତା ରୂପାନ୍ତର ହେଉଥିବାରୁ ବ୍ରହ୍ମଚର୍ଯ୍ୟ ପାଳନ ଏକାନ୍ତ ଆବଶ୍ୟକ । ରୂପାନ୍ତରୀତ ଅତିମାନବ ହୁଅନ୍ତି ଅଜ୍ଞାନ ଶକ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣମୁକ୍ତ । ତାଙ୍କ ମଧରେ ହୁଅନ୍ତି ଭଗବାନ ପୂର୍ଣ୍ଣରୂପେ ପ୍ରକାଶ । ସେ ସମସ୍ତ ସତ୍ତାରେ ପ୍ରାପ୍ତ କରନ୍ତି ଭଗବାନଙ୍କ ସହିତ ଏକତ୍ୱ ଏବଂ ନିବାସ କରନ୍ତି ପୂର୍ଣ୍ଣରୂପେ ବିଜ୍ଞାନ ତଥା ଆନନ୍ଦରେ ।

ବିକାଶ ଦୁଇଟି ସ୍ତର – ଗୋଟିଏ ଅଜ୍ଞାନ ଅନ୍ୟଟି ଜ୍ଞାନ ଏବଂ ଆନନ୍ଦ । ଏହାକୁ ଶାସ୍ତ୍ରରେ କୁହାଯାଇଅଛି ଅପରାର୍ଦ୍ଧ ଓ ପରାର୍ଦ୍ଧ । ଜଡ଼ରୁ ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ । ଏହି ସ୍ତରର ପ୍ରାଣୀମାନଙ୍କୁ ପରିଚାଳନା କରେ ଅଜ୍ଞାନ ଅପରାଶକ୍ତି । ଏହାର ଉର୍ଦ୍ଧ୍ୱସ୍ତର ଅତିମାନସ ବିଜ୍ଞାନ ଏବଂ ଆନନ୍ଦ – ଏହା ପରାର୍ଦ୍ଧ । ଏହି ସ୍ତରର ପ୍ରାଣୀ ଦିବ୍ୟ । ଏମାନେ ନିବାସ କରନ୍ତି ବିଜ୍ଞାନ ଏବଂ ଆନନ୍ଦରେ । ଏମାନେ ପରିଚାଳିତ ହୁଅନ୍ତି ବିଜ୍ଞାନ ପରମାନନ୍ଦ ସ୍ୱରୂପା ଆଦ୍ୟାଶକ୍ତିଦ୍ୱାରା । କ୍ରମ ବିବର୍ତ୍ତନ ବିଧାନ ଅନୁସାରେ ଅପରାର୍ଦ୍ଧ ଅଜ୍ଞାନ ସ୍ତରର ମାନବଙ୍କୁ ପରାର୍ଦ୍ଧରେ ପ୍ରବେଶ କରିବାକୁ ହେବ । ଅପରାର୍ଦ୍ଧ ସ୍ତରର ଧର୍ମ ଯେପରି ଅଜ୍ଞାନ, ଅଦିବ୍ୟ, ସେହିପରି ପରାର୍ଦ୍ଧ ସ୍ତରର ଧର୍ମ ଦିବ୍ୟ, ବିଜ୍ଞାନ ଏବଂ ଆନନ୍ଦ । ସେ ସ୍ତରର ପ୍ରବେଶ କରିବାକୁ ହେଲେ ସେହି ସ୍ତରର ଧର୍ମ ଅନୁସାରେ ବ୍ୟକ୍ତିର ସମସ୍ତ ସତ୍ତା , ସମସ୍ତ ତତ୍ତ୍ୱ ରୂପାନ୍ତର ହେବା ଆବଶ୍ୟକ । ମନୁଷ୍ୟ ପର୍ଯ୍ୟନ୍ତ ଅପରାର୍ଦ୍ଧ ସ୍ତରରେ ମଧ ବହୁତ ସ୍ତର ବା ବିଭେଦ । ପଶୁମାନଙ୍କର ମନ, ବୁଦ୍ଧି, ବିଚାର, ବିବେକ ନ ଥାଏ । ସେମାନେ ଜୀବନ ପ୍ରାପ୍ତ କରିବାର ରହସ୍ୟ ଜାଣି ପାରନ୍ତି ନାହିଁ । ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଭୋଜନ, ନିଦ୍ରା ତଥା ମୈଥୁନରେ ଜୀବନ ସମାପ୍ତ କରନ୍ତି । ସେମାନେ ବହୁତ ମନ୍ଥର ଗତିରେ ଅଜ୍ଞାତରେ ପ୍ରକୃତି ଦ୍ୱାରା ପରିଚାଳିତ ହୁଅନ୍ତି ମନୋମୟ ମନୁଷ୍ୟ ସ୍ତରକୁ ।

ମନୁଷ୍ୟ ଯଦ୍ୟପି ନିବାସ କରେ ଅପରାର୍ଦ୍ଧ, ଅଜ୍ଞାନ ସ୍ତରରେ । ତଥାପି ତାକୁ ପ୍ରାପ୍ତ ହୋଇଥାଏ ମନ, ବୁଦ୍ଧି ତଥା ବିଚାର । ଯେଉଁ ବ୍ୟକ୍ତିଙ୍କର କେବଳ ମନ, ବୁଦ୍ଧି ବିକାଶ ହୋଇ ଥାଏ କିନ୍ତୁ ଆତ୍ମା ଦ୍ୱାରା ପ୍ରଭାବିତ ହୋଇ ନ ଥାଏ ସେମାନେ ଭଲ, ମନ୍ଦ, ହିତ, ଅହିତ କିଛି ଅଂଶରେ ବୁଝି ପାରନ୍ତି । ସେମାନଙ୍କ ବୁଦ୍ଧି ଯଦି ତୀବ୍ର ଥାଏ ତେବେ ସେମାନେ ବଡ଼ ବଡ଼ ନେତା ହୋଇ ପାରନ୍ତି, ବେପାର ବାଣିଜ୍ୟରେ ବହୁତ ଅର୍ଥ ଉପାର୍ଜନ କରି ପାରନ୍ତି ଅଥବା ଜାଗତିକ କାର୍ଯ୍ୟ ବିଶେଷ ଦକ୍ଷତା ସହିତ କଳ କୌଶଳରେ ସମ୍ପାଦନ କରି ପାରନ୍ତି । କିନ୍ତୁ ସେମାନଙ୍କର ପ୍ରାଣ ଶୁଦ୍ଧ ହୋଇ ନ ଥାଏ କିଂବା ଆତ୍ମାରୁ ପ୍ରଭାବରେ ପ୍ରଭାବିତ ହୋଇ ନ ଥାଏ । ସେଥିରେ ଥାଏ ପୂର୍ଣ୍ଣରୂପେ ପଶୁତ୍ୱ । ଏହି ପରି ବ୍ୟକ୍ତିର ପାଶବିକ, ଅଶୁଦ୍ଧ, ଦୁର୍ବାର ପ୍ରାଣ ବିକଶିତ ବୁଦ୍ଧିକୁ ଜବରଦସ୍ତି ଟାଣିନେଇ ନିଜ ବାସନା ପୂର୍ଣ୍ଣ କରିବାରେ ନିୟୋଜିତ କରେ । ବିକଶିତ ବୁଦ୍ଧିରେ ଆତ୍ମାର ପ୍ରଭାବ ନ ଥିବାରୁ ବିବେକ ଉତ୍ପନ୍ନ ହୁଏ ନାହିଁ । ଏହିପରି ବ୍ୟାମୋହନ ବୁଦ୍ଧି ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବା ପରିବର୍ତ୍ତେ ତାର ଦାସତ୍ୱ ସ୍ୱୀକାର କରେ । ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ବୁଝି ପାରେ ନାହିଁ । ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବାରେ ପ୍ରାଣର ସେବାକରେ । ଯେଉଁ ବୁଦ୍ଧି ପ୍ରଧାନ ବ୍ୟକ୍ତିଙ୍କର ପ୍ରାଣ ମନରେ କିଛି ଅଂଶରେ ଆତ୍ମାର ପ୍ରଭାବ ପଡ଼ିଥାଏ ସେମାନେ ନୈତିକ ନିୟମ ଅନୁସାରେ ବ୍ୟକ୍ତି ଏକ ପତ୍ନିବ୍ରତ ଏବଂ ନାରୀ ଏକ ପାତିବ୍ରତ ଧର୍ମ ପାଳନ କରନ୍ତି । ଯେଉଁମାନଙ୍କର ଏଥିରେ ଦୃଢ଼ ନିଷ୍ଠା ଥାଏ ସେମାନେ ପୂର୍ଣ୍ଣରୂପେ ବ୍ରହ୍ମଚର୍ଯ୍ୟ ଧାରଣ କରନ୍ତି । କ୍ରମଶଃ ଏହି ପ୍ରଣାଳୀରେ ବ୍ୟକ୍ତି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିପାରେ । ଏହି ରୂପେ ବ୍ରହ୍ମଚର୍ଯ୍ୟ ପାଳନର ପ୍ରଣାଳୀ କ୍ରମ-ବିକାଶର । କିନ୍ତୁ ଏହା ଛଡ଼ା ଆତ୍ମା ଯେଉଁମାନଙ୍କର ଜାଗ୍ରତ ହୁଏ ସେମାନେ ଅଧ୍ୟାତ୍ମ ସାଧନା ଆରମ୍ଭ କରନ୍ତି ଏବଂ ଅଖଣ୍ଡ ରୂପେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସେମାନଙ୍କୁ କ୍ରମ-ବିକାଶ ପ୍ରଣାଳୀରେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହୁଏ ନାହିଁ ।

**ପ୍ରଶ୍ନ :** ବ୍ରହ୍ମଚର୍ଯ୍ୟ ପାଳନରେ କ୍ରମ ବିକାଶ ପ୍ରଣାଳୀ କିପରି ?

**ଉତ୍ତର :** ପଶୁମାନଙ୍କର କୁଟୁମ୍ବ, ପରିବାର, ବିବାହ, ବନ୍ଧନ ନ ଥାଏ । ସେମାନେ ସ୍ୱଚ୍ଛନ୍ଦରେ ବ୍ରହ୍ମଚର୍ଯ୍ୟ ନଷ୍ଟ କରନ୍ତି । ପଶୁମାନଙ୍କର ଅଧିକ ବ୍ରହ୍ମଚର୍ଯ୍ୟ ନଷ୍ଟ ହେବାରୁ ସେମାନେ ବୁଦ୍ଧି, ବିବେକ ଧାରଣ କରି ପାରନ୍ତି ନାହିଁ । କିଂବା ଅଧିକ ଦିନ ଜୀବିତ ରହି ପାରନ୍ତି ନାହିଁ । ପଶୁ ପରେ ମନୋମୟ ସ୍ତରରେ ମନୁଷ୍ୟ ପ୍ରବେଶ କରିବା ମାତ୍ରେ ତାକୁ ବୁଦ୍ଧି ଏବଂ ବିବେକ ଧାରଣ କରିବାକୁ ହୁଏ । ସେଇଥିପାଇଁ ତାର ବ୍ରହ୍ମଚର୍ଯ୍ୟ ସଞ୍ଚମ ପାଇଁ ଭଗବାନଙ୍କ ଦ୍ୱାରା ତାର ଗୁଣକର୍ମ ଅନୁସାରେ ହେଲା ବର୍ଣ୍ଣ ଧର୍ମ । ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ତଥା ଅନ୍ତ୍ୟଜ । ନିର୍ଦ୍ଧାରିତ କରାହେଲା ପାରିବାରିକ ସମ୍ବନ୍ଧ ଭିନ୍ନ ବିବାହିତ ସମ୍ବନ୍ଧ । ଏହି ନିୟମ ଦ୍ୱାରା କେତେ ପରିଣାମରେ ବ୍ରହ୍ମଚର୍ଯ୍ୟ ନିୟନ୍ତ୍ରିତ କରା ହେଲା । ଅନ୍ତ୍ୟଜ ଏବଂ ଶୁଦ୍ର ବର୍ଣ୍ଣରେ ନାରୀମାନେ ଏକ ପତି ତ୍ୟାଗ କରି କିଂବା ପତିର ମୃତ୍ୟୁ ପରେ ଅନ୍ୟ ପତି ଗ୍ରହଣ କରିବାର ବ୍ୟବସ୍ଥା ଥିଲା । କିନ୍ତୁ ବୈଶ୍ୟ, କ୍ଷତ୍ରୀୟ ଏବଂ ବ୍ରାହ୍ମଣ ବର୍ଣ୍ଣରେ ନାରୀ ସକାଶେ ଗୋଟିଏ ପତିର ବିଧାନ ଥିଲା । ଏହା ଥିଲା ସମାଜର ନିୟମ । ଏହାର ପ୍ରତିକୂଳ ଆଚରଣ କରିବା ବ୍ୟକ୍ତିଙ୍କୁ ସମାଜ ସ୍ୱୀକାର କରୁ ନ ଥିଲା । ଉଚ୍ଚତର ସତ୍ୟ ବା ଚେତନାକୁ ଧାରଣ କରିବାର ସାମର୍ଥ୍ୟ ଥାଏ କେବଳ ବ୍ରହ୍ମଚର୍ଯ୍ୟରେ । ସତ୍ୟଯୁଗରୁ ଆଜି ପର୍ଯ୍ୟନ୍ତ ସମସ୍ତ ଅଧ୍ୟାତ୍ମ ସାଧକମାନେ ଉଚ୍ଚତର ସତ୍ୟ ଉପଲବ୍ଧି କରିଛନ୍ତି ବ୍ରହ୍ମଚର୍ଯ୍ୟକୁ ଧାରଣ କରିବା ଦ୍ୱାରା ।

ମନୋମୟ ସ୍ତର ପରେ ବିଜ୍ଞାନ ଏବଂ ଆନନ୍ଦ ସ୍ତରରେ ସତ୍ୟଧାରଣ କରିବାର ଏକମାତ୍ର ସାମର୍ଥ୍ୟ ପ୍ରାପ୍ତହୁଏ ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା । କ୍ରମ-ବିବର୍ତ୍ତନର ଲକ୍ଷ୍ୟ ବିଜ୍ଞାନ ଆନନ୍ଦ ସ୍ତରରେ ପ୍ରବେଶ କରିବା । ସେହି କାରଣରୁ କ୍ରମ-ବିକାଶ ପ୍ରଣାଳୀରେ ବ୍ୟକ୍ତିକୁ ଅଗ୍ରସର କରିବା ସକାଶେ ନୈତିକ ଧର୍ମର ବ୍ୟବସ୍ଥା କରାହୋଇଅଛି ।

**ପ୍ରଶ୍ନ :** ତୁମ କହିବା ଅନୁସାରେ ଯଦି ନୈତିକ ନିୟମ ଅନୁସାରେ କ୍ରମ ବିବର୍ତ୍ତନରେ ବ୍ୟକ୍ତିକୁ ଅଗ୍ରସର ସକାଶେ ବ୍ରହ୍ମଚର୍ଯ୍ୟ ପାଳନ ଅନିବାର୍ଯ୍ୟ ହୋଇଥା'ନ୍ତା; ନୈତିକ ଧର୍ମ ସ୍ଥାୟୀ ହୋଇ ରହିଥା'ନ୍ତା । ତାହାତ ହୋଇ ନାହିଁ, ସବୁଭାଙ୍ଗି ଚୁରମାର ହୋଇ ଯାଇଛି । ଅଧିକ ପରିମାଣରେ ନରନାରୀମାନେ ପଶୁ ସଦୃଶ ବ୍ରହ୍ମଚର୍ଯ୍ୟ ନଷ୍ଟ କରୁଛନ୍ତି । ପୂର୍ବ ନୈତିକତାକୁ କୁସଂସ୍କାରଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବାରୁ ଘୋଷଣା କରୁଅଛନ୍ତି । ଆଧୁନିକ ସଭ୍ୟ ବ୍ୟକ୍ତିଙ୍କ ଏହି ଉକ୍ତି ଠିକ୍ ବା ଶାସ୍ତ୍ର ପୁରାଣ ଅଧ୍ୟାତ୍ମ ସାଧକ ମାନଙ୍କର ବ୍ରହ୍ମଚର୍ଯ୍ୟ ପାଳନ ଠିକ୍ ?

**ଉତ୍ତର :** ଜନ୍ମ ଅନ୍ଧ ଦୃଢ଼ତା ସହିତ ଘୋଷଣା କରେ ପୁଷ୍ପ ଫଳରେ ସୌନ୍ଦର୍ଯ୍ୟର ଏକବାର ଅଭାବ । ଏହି ସିଦ୍ଧାନ୍ତକୁ କୋଟି କୋଟି ଜନ୍ମ ଅନ୍ଧ ଅକୁଣ୍ଠିତ ଭାବେ ସମର୍ଥନ କରନ୍ତି । କିନ୍ତୁ ଗୋଟିଏ ଦୃଷ୍ଟିଥିବା ବ୍ୟକ୍ତି ଏହି ସିଦ୍ଧାନ୍ତକୁ ବିନା ଦ୍ୱିଧାରେ ଅସ୍ୱୀକାର କରେ । ମୋହ ଗ୍ରାସିତ ବିଷୟାଶକ୍ତ ଅନ୍ଧମାନଙ୍କର ଯେପର୍ଯ୍ୟନ୍ତ ଆତ୍ମା ଜାଗ୍ରତ ରୂପେ ଦୃଷ୍ଟିପ୍ରାପ୍ତ ନ ହୁଏ କିଂବା ଯୁକ୍ତି ବୁଦ୍ଧି ରୂପ ହାତରେ ଅଣ୍ଡାଳି ବିଭିନ୍ନତା ଜାଣି ନ ପାରନ୍ତି ସେ ପର୍ଯ୍ୟନ୍ତ ତାଙ୍କ ପାଖରେ ଯଥାର୍ଥତା ନିର୍ଣ୍ଣୟ ହୋଇ ପାରେ ନାହିଁ ।

ନୈତିକତା ବିଶୃଙ୍ଖଳାରେ ପରିଣତ ହେବାର କାରଣ ହେଉଛି କ୍ରମ ବିବର୍ତ୍ତନର ଅଗ୍ରସର ତଥା କ୍ରମ ବିବର୍ତ୍ତନରେ ଅଗ୍ରସର ହେଲେ ପୂର୍ବ ନିର୍ଦ୍ଧାରିତ ନିୟମ ଭାଙ୍ଗିଯାଏ । ଯେଉଁମାନେ ସଚେତ ଥାଆନ୍ତି ସେମାନେ ଉଚ୍ଚତର ସତ୍ୟର ଅବଲମ୍ବନରେ ପୂର୍ବ ନିୟମକୁ ତ୍ୟାଗ କରନ୍ତି । ଯେଉଁମାନେ ଅଚେତନ ଥାଆନ୍ତି ସେମାନେ ଯୁଗ ପରିବର୍ତ୍ତନ ଅବସ୍ଥାକୁ ବୁଝି ପାରନ୍ତି ନାହିଁ ପୂର୍ବପନ୍ଥାରୂପେ ଛିଡ଼ାହୋଇଥିବା ଡାଳ ଭାଙ୍ଗିଯାଏ, ଉପରକୁ ଚଢ଼ିବା ସକାଶେ ସତ୍ୟ ରୂପ ଡାଳକୁ ଧରି ପାରନ୍ତି ନାହିଁ, ଛିଡ଼ା ହୋଇଥିବା ପୂର୍ବ ନୀୟମକ ରୂପ ଡାଳ ଭାଙ୍ଗିଯିବା ସଙ୍ଗେ ସଙ୍ଗେ ତଳକୁ ପଡ଼ି ଯାଆନ୍ତି । ବର୍ତ୍ତମାନ ଠିକ୍ ସେହି ସମୟ ।

ମନର ବିକାଶ ଶେଷ ହୋଇ ସାରିଛି । ମନୁଷ୍ୟକୁ ପ୍ରବେଶ କରିବାକୁ ହେବ ମନ ଊର୍ଦ୍ଧ୍ୱ ଅତିମାନସ ବିଜ୍ଞାନ ଚେତନା ସ୍ତରରେ ।

**ପ୍ରଶ୍ନ :** ଯଥାର୍ଥରେ ବ୍ରହ୍ମଚର୍ଯ୍ୟର ମହାନ୍ ଶକ୍ତି । କିନ୍ତୁ ତାହା ପୂର୍ଣ୍ଣରୂପେ ପାଳନ କରିବା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସମ୍ଭବ ହେବ କିପରି ?

**ଉତ୍ତର :** ପ୍ରସାରିତ ବ୍ରହ୍ମଚର୍ଯ୍ୟ ନଷ୍ଟକୁ ବ୍ୟକ୍ତି କ୍ରମଶଃ ସଂକୁଚିତ କରିବା ଦ୍ୱାରା ଶେଷରେ ନିରୋଧ କରିପାରେ ।

କ୍ରମବିକାଶରେ ଆଧାର ବ୍ରହ୍ମଚର୍ଯ୍ୟ ପାଳନ । ଏହାରି ପାଳନ ସକାଶେ ଭଗବାନ ନୈତିକ ଧର୍ମ ଦ୍ୱାରା ବର୍ଣ୍ଣ ବିଭାଗ, ଗୋତ୍ର ବଂଶ ଏବଂ ସ୍ୱଜାତି ତଥା ପତ୍ନୀବ୍ରତ, ପାତିବ୍ରତ୍ୟ ବିଧାନ କରିଛନ୍ତି ।

କିନ୍ତୁ ଏହା ଯଥାର୍ଥରୂପେ ପାଳନ କରାହୁଏ ମନ, ପ୍ରାଣ, ଶାରୀରର ରୂପାନ୍ତର-ଜୀବନରେ ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରି ଯଥାର୍ଥ ସାଧନା ମାର୍ଗରେ ପରିଚାଳିତ ହେବାରେ । ଏହି ବିଷୟ ବହୁତ ଗ୍ରନ୍ଥରେ ଲେଖାଅଛି ।

**ପ୍ରଶ୍ନ :** ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ସମସ୍ତ ସତ୍ତାରେ ଭଗବତ ପ୍ରାପ୍ତି । ଏହା ହୁଏ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନରେ । ଗୃହସ୍ଥାଶ୍ରମିଙ୍କ ସକାଶେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ନୁହେଁ । ସେମାନେ କ'ଣ ଲକ୍ଷ୍ୟ ସିଦ୍ଧି କରି ପାରିବେ ନାହିଁ ?

**ଉତ୍ତର :** ଗୃହସ୍ଥାଶ୍ରମିକମାନେ କ୍ରମଶଃ ବ୍ରହ୍ମଚର୍ଯ୍ୟ ସଞ୍ଜମ ପ୍ରଣାଳିରେ ଅଗ୍ରସର ହେଲେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବେ ଏବଂ ଲକ୍ଷ୍ୟରେ ପହଞ୍ଚି ପାରିବେ । ପ୍ରଥମରେ ବିବାହ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଅବଶ୍ୟ ପାଳନ କରିବା ଏକାନ୍ତ ଆବଶ୍ୟକ । ବିବାହ ପରେ ନିଜକୁ ସଞ୍ଜତ ରଖି କେବଳ ଦୁଇଟି ସନ୍ତାନ ଉତ୍ପନ୍ନ ସକାଶେ ସଂଯମିତ ଭାବେ ବ୍ରହ୍ମଚର୍ଯ୍ୟ ନଷ୍ଟ କରିବେ । ପରେ ପୂର୍ଣ୍ଣଭାବେ ବ୍ରହ୍ମଚର୍ଯ୍ୟ ସଞ୍ଜମ କରିପାରିବେ । ବିବାହ ପରେ ଠିକ୍ ଠିକ୍ ଏପରି ଯେଉଁମାନେ ବ୍ରହ୍ମଚର୍ଯ୍ୟ ପାଳନ ନ କରି ପାରିବେ ସେମାନେ ଅନ୍ତତଃ ଏହି ରୂପେ ପାଳନ କରିବାକୁ ଚେଷ୍ଟା କରିବେ ।

**ପ୍ରଶ୍ନ :** ବ୍ରହ୍ମଚର୍ଯ୍ୟ ପାଳନର ଉପାୟ କ'ଣ ?

**ଉତ୍ତର :** ପ୍ରଧାନ ଏବଂ ଏକମାତ୍ର ଉପାୟ ହେଲା ଭଗବତ ପ୍ରାପ୍ତି ଜୀବନର ଏକମାତ୍ର ଲକ୍ଷ୍ୟ ରୂପେ ଗ୍ରହଣ କରିବା । ଲକ୍ଷ୍ୟ ଯଦି ଆନ୍ତରିକ ସହ ଗ୍ରହଣ କରାହୁଏ ତେବେ ବ୍ରହ୍ମଚର୍ଯ୍ୟ ପାଳନ ସକାଶେ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗ୍ରହ ଜନ୍ମେ । ଲକ୍ଷ୍ୟ ଗ୍ରହଣ ଛଡ଼ା ଅନ୍ୟ କୌଣସି ଉପାୟରେ ବ୍ରହ୍ମଚର୍ଯ୍ୟ ପାଳନ ସମ୍ଭବ ନୁହେଁ ।

**ପ୍ରଶ୍ନ :** ହଟଯୋଗୀମାନେ ବହୁ ପ୍ରକାର ବାହ୍ୟକ୍ରିୟାରେ ବ୍ରହ୍ମଚର୍ଯ୍ୟ ଧାରଣ କରନ୍ତି । ଏହା କ'ଣ ମିଥ୍ୟା ଧାରଣା ?

**ଉତ୍ତର :** ଧାରଣା ସତ୍ୟ କିନ୍ତୁ ଭଗବତ ପ୍ରାପ୍ତି ଜୀବନର ଲକ୍ଷ୍ୟ ବିନା ଆନ୍ତରିକ ଦୃଢ଼ ସଂକଳ୍ପ ହୁଏ ନାହିଁ । ସେହି ସକାଶେ ସମସ୍ତ ପ୍ରକାର ବାହ୍ୟ କ୍ରିୟା ଅର୍ଥହୀନ ହୁଏ । ବ୍ରହ୍ମଚର୍ଯ୍ୟ ପାଳନରେ ସାମାନ୍ୟ ରୂପେ ସାହାଯ୍ୟ କରେ ଆସନ । ଆସନ ବ୍ୟତିକ୍ରମରେ କିଛି କ୍ଷତି ହୁଏ ନାହିଁ । କିନ୍ତୁ ପ୍ରାଣାୟମ ବିଶେଷତଃ ହଟଯୋଗକ୍ରିୟାରେ ଆନ୍ତରିକ ଦୃଢ଼ ସଂକଳ୍ପ ଅଭାବ । ସିଦ୍ଧଗୁରୁ ପାଖରେ ଥିବେ, କ୍ରିୟା ଏକାବାର ଯଥାର୍ଥ ପ୍ରଣାଳୀ ତଥା ନିର୍ଦ୍ଦୋଷରେ ହେଉଥିବ । କ୍ରିୟାର ଅନୁକୂଳ ଭୋଜନରେ ବ୍ୟତିକ୍ରମ ଘଟୁ ନ ଥିବ, କ୍ରିୟା ସମୟରେ ମାନସିକ କାମନା ବାସନା ସମ୍ବନ୍ଧିୟ ଚିନ୍ତା ବା ପ୍ରାଣର ଆଦାନ ପ୍ରଦାନ ଏକବାରେ ନ ଥିବ ତେବେ ହଟଯୋଗ କ୍ରିୟା ସିଦ୍ଧ ହୁଏ । ଅର୍ଥାତ୍ ଯୋଗୀ ରେତସ୍‌କୁ ବ୍ରହ୍ମାଣ୍ଡକୁ ବା ମସ୍ତକକୁ ନେଇଯାଇ ପାରେ । ହଟଯୋଗ କ୍ରିୟା ସିଦ୍ଧି କରିବାରେ ଶହେସାଧକ ମଧ୍ୟରୁ ଅନେଶ୍ୱତ ଧାତୁ ରୋଗ ତଥା ଅନ୍ୟାନ୍ୟ ବହୁତ ପ୍ରକାର ରୋଗରେ ପଡ଼ି ଜୀବନ ନଷ୍ଟ କରିଛନ୍ତି । ଏହି କ୍ରିୟାର କୁପରିଣାମ ଭୋଗୁଥିବା ବହୁତ ସାଧକଙ୍କୁ ଦେଖିଛି । କୌଣସି ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ପାଳନ ସକାଶେ ବାହ୍ୟ ପ୍ରକ୍ରିୟା ମୋହରେ କଦାପି ପଡ଼ିବା ଉଚିତ୍ ନୁହେଁ । ଏହା ଯଥାର୍ଥରେ ସଞ୍ଜମ ହୁଏ ମାନସିକ ବିଚାର ସଞ୍ଜମରେ ।

**ପ୍ରଶ୍ନ :** ବ୍ରହ୍ମଚର୍ଯ୍ୟ କ'ଣ ?

**ଉତ୍ତର :** ବିବାହିତ ପତି ପତ୍ନୀଙ୍କ ଭିତରେ ଯେଉଁ ସମ୍ପର୍କ ସେହି ସମ୍ପର୍କ ନ ରଖିବା ହେଲା ବ୍ରହ୍ମଚର୍ଯ୍ୟ ପାଳନ । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ରେତସ୍ ଶକ୍ତିରେ ପରିଣତ ହୁଏ ।

**ପ୍ରଶ୍ନ :** ଅତିମାନସ ଯୋଗ ଜୀବନରେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ, ବ୍ରହ୍ମଚର୍ଯ୍ୟ ପାଳନ ବିନା ଶରୀର ରୂପାନ୍ତର ସମ୍ଭବ ହେବ ନାହିଁ କିଂବା ଜ୍ୟୋତି, ଶକ୍ତି, ଜ୍ଞାନ, ଆନନ୍ଦକୁ ଧାରଣ କରି ପାରିବ ନାହିଁ । ତେବେ ଗାର୍ହସ୍ଥାଶ୍ରମରେ ଥିବା ବ୍ୟକ୍ତିଙ୍କ ପକ୍ଷେ ଯୋଗ ସାଧନା କିପରି ସମ୍ଭବ ହେବ ?

**ଉତ୍ତର :** ଅତିମାନସ ରୂପାନ୍ତର ଯୋଗ ସମସ୍ତ ବ୍ୟକ୍ତି ପକ୍ଷେ ସମ୍ଭବ । ବ୍ୟକ୍ତି ଗୃହତ୍ୟାଗି ହେଉ, ଗାର୍ହସ୍ଥ୍ୟାଶ୍ରମରେ ରହିଥାଉ, ସାଧନାର ଆରମ୍ଭିକ ଅବସ୍ଥାରେ ସମସ୍ତ ବ୍ୟକ୍ତିଙ୍କ ମନ, ପ୍ରାଣ, ଶରୀରରେ କାମ, କ୍ରୋଧ, ଲୋଭ, ମୋହ ଅହଂସ୍ୱାର୍ଥ ତମସାଦି ବିକାର ବିଦ୍ୟମାନ ଥାଏ । କିନ୍ତୁ ସାଧନାରେ ଅଗ୍ରସର ହେବା ଅନୁପାତରେ ଏସବୁ କ୍ରମଶଃ ଶୁଦ୍ଧ

ହୁଅନ୍ତି । ଗାର୍ହସ୍ଥ୍ୟାଶ୍ରମର ବ୍ୟକ୍ତି ସାଧନା କଲେ କ୍ରମଶଃ ତାଙ୍କ ମନ, ପ୍ରାଣ ଶୁଦ୍ଧ ହେବ । ସେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାରେ ସମର୍ଥ ହେବେ ।

**ପ୍ରଶ୍ନ :** ଗାର୍ହସ୍ଥ୍ୟାଶ୍ରମରେ ସ୍ୱାମୀ ସ୍ତ୍ରୀ ମଧ୍ୟରୁ ଯଦି ଜଣେ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଚାହେଁ, ଅନ୍ୟ ଜଣେ ସେଥିରେ ସହଯୋଗ ନ କଲେ ତେବେ ସମସ୍ୟା ଜଟିଳ ହୁଏ । ଏହାର ସମାଧାନ କ'ଣ ?

**ଉତ୍ତର :** ଏହାର ସମାଧାନ ହେଲା ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ଧୈର୍ଯ୍ୟ ସହ ଅପେକ୍ଷା କରିବା । ବିଦ୍ରୋହ କଦାପି କରିବା ଉଚିତ୍ ନୁହେଁ । ବରଂ ଶାନ୍ତି ରକ୍ଷା କରି ବିରୋଧ ଭାବ ପୋଷଣ ନ କରି ଅନ୍ୟକୁ ସେହି ଅଧ୍ୟାତ୍ମ ମାର୍ଗରେ ନେଇ ଚାଲିବାକୁ ଚେଷ୍ଟା କରିବା ତଥା ଦୃଢ଼ ବିଶ୍ୱାସ ରଖି ମା'ଙ୍କୁ ପ୍ରାର୍ଥନା କରିବା । ଏପରି କଲେ ଅନ୍ୟ ବ୍ୟକ୍ତିର ପ୍ରବୃତ୍ତି ପରିବର୍ତ୍ତନ ହେବ ଏବଂ ସେ ସ୍ୱୟଂ ଯୋଗ ସାଧନାରେ ଆଗ୍ରହୀ ହୋଇ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ବ୍ରତ ଗ୍ରହଣକରିବ । ସ୍ନେହ,ଶ୍ରଦ୍ଧା, ଭକ୍ତି ଭାବରେ ବୁଝେଇ ଅଧ୍ୟାତ୍ମ ମାର୍ଗରେ ନେଇ ଚାଲିବା ପରିବର୍ତ୍ତେ ବିରୋଧ କଦାପି କରିବା ଉଚିତ୍ ନୁହେଁ । ବିରୋଧରେ ଅଶାନ୍ତି ତଥା ଦ୍ୱେଷ ଉତ୍ପନ୍ନ ହେବ । ଏହା ଦ୍ୱାରା ସାଧନା ପ୍ରଗତିରେ ବାଧା ପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ସହଧର୍ମୀ ବା ସହଧର୍ମୀଣୀଙ୍କ ଉପରେ ଉତ୍ତମ ପ୍ରଭାବ ନ ପଡ଼ି ପ୍ରତିକ୍ରିୟା ସୃଷ୍ଟି ହେବ । ଏହା ସାଧନାରେ ମହାନ ବାଧା ସୃଷ୍ଟି କରିବ । ଏହି କାରଣରୁ ବିଦ୍ରୋହ ନ କରି ଅପେକ୍ଷା କରିବାରେ ଅପେକ୍ଷାକୃତ ଶୀଘ୍ର ସମସ୍ୟା ସମାଧାନ ହେବ ।

**ପ୍ରଶ୍ନ :** କ'ଣ ଅଧ୍ୟାତ୍ମ ସତ୍ୟ ଉପଲବ୍ଧି କରିବା ପରେ ବିବାହ କରାଯାଇ ପାରେ ?

**ଉତ୍ତର :** ପୂର୍ଣ୍ଣରୂପେ ଅଧ୍ୟାତ୍ମ ସତ୍ୟ ଉପଲବ୍ଧି କରିବା ପରେ ସ୍ୱୟଂ ପ୍ରାଣ ଏବଂ ସମସ୍ତ ପ୍ରକାର ବାସନା କାମନା ରୂପାନ୍ତର ହୋଇଯାଏ । ଶରୀର ରୂପାନ୍ତର ହେଲେ ସ୍ତ୍ରୀ ପୁରୁଷର ଲିଙ୍ଗ ଚିହ୍ନ ରହେ ନାହିଁ । ସେମାନେ ଯେଉଁ ବସ୍ତ୍ର ପିନ୍ଧିଥା'ନ୍ତି ସେ ବସ୍ତ୍ର ଶରୀରଠାରୁ ପୃଥକ୍ ନୁହେଁ । କେବଳ ସ୍ତ୍ରୀ ଆଉ ପୁରୁଷର ଆକୃତି ଦେଖାଯାଏ । କିନ୍ତୁ ସ୍ତ୍ରୀ, ପୁରୁଷର ଲିଙ୍ଗ ଭେଦ ନ ଥାଏ । ବିବାହ କାହିଁକି ଓ କିଏ କାହାସଙ୍ଗେ କରିବ ?